# Akashvani, Sambalpur

## SAMBALPURI NEWS BULLETIN

### 13 November 2024- 6.47- 6.52 am.

*********************************************

ରାଜ୍ୟ କେବିନେଟ-ବୈଠକ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍  ଆଏଜ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପର୍‌ବେଲା ୪ ବଜେ ଇ ବୈଠକ୍ ବସ୍‌ବା । ବୈଠକ୍‌ଥି ଉଚ୍ଚଶିକ୍ଷା, ପଂଚାୟତିରାଜ୍, କୃଷି, ସମବାୟ ଆର୍ ଶକ୍ତି ବିଭାଗ୍ ବାବ୍‌ଦେ ବହୁତ୍‌ଟେ ପ୍ରସ୍ତାବକେ ମଞ୍ଜୁରୀ ମିଳିପାରେ । ଖାସ୍ କରି ରାଏଜେ ଜାତୀୟ ଶିକ୍ଷାନୀତି ୨୦୨୦ ର ପ୍ରଚଳନ୍ ସହେତେ ଏକାଧିକ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଳିପାରେ ବଲି ଜନାପଡ଼ିଛେ ।

ରାଜ୍ୟ- ବିଦ୍ୟୁତ୍ ଉତ୍ପାଦନ୍- ଉପମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ବିଦ୍ୟୁତ୍ ଉପଭୋକ୍ତା ଅଧିକାର୍ ନିୟମ୍ -୨୦୨୦କେ ଓଡ଼ିଶା ସକ୍ରିୟ ଭାବେ ମାନୁଛେ । ପି.ଏମ୍. ସୂର୍ଯ୍ୟଘର ଯୋଜ୍ନାକେ ଅଏତ୍କା ସରଲ୍ କର୍ବାର୍ ଲାଗି ଓଡ଼ିଶା ଆର୍ଥିକ୍ ସାହାଜ୍ ଦେବାର୍କେ ଚିନ୍ତା କରୁଛେ ବଲି ଉପମୁଖ୍ୟମନ୍ତ୍ରୀ ଆର୍ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ନୂଆଦିଲ୍ଲୀର୍ ଯଶଭୂମି ଠାନେ ହେଇଥିବା ଶକ୍ତିମନ୍ତ୍ରୀଙ୍କର୍ ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍ ଯେ, ଓଡ଼ିଶା ୮ ହଜାର୍ ୮ ଶହ ୫୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ୍ କରିକରି ନାଗରିକ୍ମାନ୍କର୍ ଶକ୍ତି ନିରାପତାକେ ସୁନିଶ୍ଚିତ୍ କରିଛେ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୨୪ ତାରିଖ୍ ଦିନ ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତିର ୩ ନମ୍ବର୍ ଖେପେ ହିତାଧିକାରୀଙ୍କୁ ଟଙ୍କା ଦିଆଯିବା । ଇ ଖେପେ ପାଖାପାଖି ୨୦ ଲାଖ୍ ହିତାଧିକାରୀଙ୍କୁ ଟଙ୍କା ଦେବାର୍କେ ବ୍ୟବସ୍ଥା କରାଯାଉଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ସୁଭଦ୍ରା ଯୋଜ୍ନା ଉପ୍ରେ ଗୁଟେ ସମୀକ୍ଷା ବୈଠକ୍ ହେଇଥିଲା ।

ହିତାଧିକାରୀଙ୍କର୍ ଏକାଉଂଟ୍‌କେ କେନ୍ତା ଟଙ୍କା ଯିବା, ସେଥିର୍‌ଲାଗି ତୟାରି ଆର୍ ଭଲ୍ ବ୍ୟବସ୍ଥା ବାବ୍‌ଦେ ଇ ବୈଠକ୍‌ଥି ଆଲୋଚନା ହେଇଛେ ।

ଝାଡ଼ଖଣ୍ଡ୍ -ବିଧାନ୍‌ସଭା ନିର୍ବାଚନ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାଡ଼ଖଣ୍ଡ୍ ନ ଆଏଜ୍ ବିଧାନ୍‌ସଭା ନିର୍ବାଚନ୍‌ର ପହେଲା ଖେପ୍ ମତଦାନ୍ ହେବା । ୧୫ ଟା ଜିଲ୍ଲାର୍ ୪୩ ଟା ଆସନ୍‌ଥି ୬ ଶହ ୮୩ ଝନ୍ ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ନିଆଯିବା । ପହେଲା ଖେପେ ଲଢୁଥିବା ପ୍ରମୁଖ ପ୍ରାର୍ଥୀଙ୍କର୍ ଭିତ୍‌ରେ ଆଘର୍ ଉପମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍, ସ୍ୱାସ୍ଥ୍ୟମନ୍ତ୍ରୀ ବାନ୍ନା ଗୁପ୍ତା, ରାଜ୍ୟସଭା ସାଂସଦ୍ ମହୁଆ ମାଝୀ ଅଛନ୍ ।

ସୁରଭି- ଉଦ୍‌ଘାଟିତ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ - ସୁରଭି ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିକରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ

ଗଣ୍ଡ କହିଛନ୍ ଯେ, ଫି' ବିଦ୍ୟାର୍ଥୀ ଭିତ୍‌ରେ କିଛି ଖାସ୍ ପ୍ରତିଭା ରହିଛେ । ବିଦ୍ୟାର୍ଥୀମାନେ ସେ ପ୍ରତିଭାକେ ଚିହ୍ନବାର୍ ଦର୍‌କାର୍ । ସବୁବେଲେ କିଛି ନୂଆଁ କର୍‌ବାର୍‌କେ ଚେଷ୍ଟା କର୍‌ବାର୍ ଦର୍‌କାର୍ ବଲି ସେ ଛାତ୍ରଛାତ୍ରୀମାନ୍‌କୁ କହିଛନ୍ । ଇ ଉତ୍ସବ୍‌ଥି ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ସାଇବର୍ ନିରାପତା, ପି.ଏମ୍ ପୋଷଣ ବାଗିର୍ କର୍ମଶାଳା ଅନୁଷ୍ଠିତ ହେଉଛେ । ଆଏବା ୧୪ ତାରିଖ୍ ଦିନ ହେବାର୍‌କେ ଥିବା ଉଦ୍‌ଯାପନୀ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସର୍‌କାରୀ କାମ୍ -ଓଡ଼ିଆ ଭାଷା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଇଲେକ୍ଟ୍ରୋନିକ୍ସ ଆର୍ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ୍ ଆର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଲୟ ଅଧୀନ୍‌ଥି ଥିବା ଡିଜିଟାଲ୍ ଇଣ୍ଡିଆ ଭାଷିନୀ ଡିଭିଜନ୍ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷର୍ ହେଇଛେ । ସର୍‌କାରୀ କାମ୍‌ଥି ଓଡ଼ିଆ ଭାଷାର୍ ବେଭାର୍‌କେ ବଢ଼ାବାର୍ ଲାଗି କୃତ୍ରିମ ବୁଦ୍ଧିମତା- ଏ.ଆଇ. ଆର୍ ଅତ୍ୟାଧୁନିକ ବୈଷୟିକ

ଜ୍ଞାନ୍‌କୌଶଲ୍‌ର ପ୍ରୟୋଗ୍ କର୍‌ବାର୍‌ଟା ଇ ବୁଝାମଣାର ଲକ୍ଷ୍ୟ ଆଏ ।

ଯୁକ୍ତ ୩- ଏନ୍‌ଇପି ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ୩ ଥି ନୂଆଁ ଜାତୀୟ ଶିକ୍ଷାନୀତି - ଏନ୍‌ଇପି ଲାଗୁ ହେବାର୍ ଉତ୍‌ରୁ ଛାତ୍ରଛାତ୍ରୀଙ୍କର୍ ଏକାଡେମିକ୍ ବେଙ୍କ୍ କ୍ରେଡିଟ୍ ବା ଏବିସିଆଇଡି ଖୁଲାବାର୍‌କେ ଜୋର୍ ଦିଆଯାଇଛେ । ଆଏବା ୨୫ ତାରିଖ୍‌ତକ୍ ଯୁକ୍ତ ୩ ପହେଲା ବଛର୍‌ର ଛାତ୍ରଛାତ୍ରୀଙ୍କର୍ ଏବିସିଆଇଡି ଖୁଲ୍‌ବାର୍ ଲାଗି ଆଂଚଳିକ୍ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ରାଜ୍ୟର୍ ଉଚ୍ଚ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

କ୍ରୁଜ୍ ମିଶାଇଲ୍-ସଫଳ ପରୀକ୍ଷଣ ଆର୍‌ଏନ୍‌ୟୁ /ସମ୍ବଲପୁର

ବାଲେଶ୍ୱର୍ ଚାନ୍ଦିପୁର୍ ଆଇଟିଆର୍‌ନୁ ପ୍ରତିରକ୍ଷା ଅନୁସନ୍ଧାନ୍ ଆଉ ବିକାଶ୍ ସଂଗଠନ୍- ଡି.ଆର୍.ଡି.ଓ. ତର୍‌ଫୁ ଲଙ୍ଗ ରେଞ୍ଜ୍ ଲ୍ୟାଣ୍ଡ ଏଟେକ୍ -କ୍ରୁଜ୍ ମିଶାଇଲ୍‌ର ଉଡ଼ାଣ ପରୀକ୍ଷଣ୍ ଗଲାକାଏଲ୍

ସଫଲ୍ ହେଇଛେ । ଆଘର୍ ଧାରିଜ୍ ସମିଆଥି ଇ କ୍ଷେପଣାସ୍ତ୍ରକେ ମୋବାଇଲ୍ ଆର୍ଟିକ୍ୟୁଲେଟ୍ ଲଂଚର୍ ଜରିଏ ପରୀକ୍ଷଣ୍ କରାଯାଇଥିଲା । ଇ କ୍ଷେପଣାସ୍ତ୍ରଥି ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍‌ଥି ତିଆର୍ ହେଇଥିବା ଯନ୍ତ୍ରମାନ୍ ବେଭାର୍ ହେଇଛେ । ଇ ସଫଲତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଡିଆର୍‌ଡିଓ, ଭାରତୀୟ ସେନା ସହେତେ ପରୀକ୍ଷଣଥି ସାମିଲ୍ ଥିବା ସବୁ ସଂସ୍ଥାର ଅବଦାନ୍‌କେ ପ୍ରଶଂସା କରିଛନ୍ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍

ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ଆଇଏଏସ୍ ଅଧିକାରୀ ସଞ୍ଜିବ କୁମାର୍ ମିଶ୍ର

ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା କେଡ଼ର ଆଇଏଏସ୍ ଅଧିକାରୀ ସଞ୍ଜିବ କୁମାର୍ ମିଶ୍ର ଓଡ଼ିଶା ଫିର୍‌ବେ । ଶ୍ରୀ ମିଶ୍ରଙ୍କୁ ଓଡ଼ିଶା ଫିରେଇ ଆନ୍‌ବାର୍ ଲାଗି ଭାରତ୍ ସର୍‌କାର୍‌ଙ୍କର୍ କାର୍ମିକ ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ଶ୍ରୀ ମିଶ୍ର ଏଛେନ୍ କେନ୍ଦ୍ର ନ ନେସ୍‌ନାଲ୍ ରିକ୍ରୁଟ୍‌ମେଂଟ୍ ଏଜେନ୍ସିର ସଚିବ ବା ଥିବାର୍ ସାଙ୍ଗେ ପରୀକ୍ଷା ନିୟନ୍ତ୍ରକ ଭାବେ କାମ୍ କରୁଛନ୍ । ଓଡ଼ିଶା ଫିର୍‌ବାର୍ ଉତ୍‌ରୁ ରାଜ୍ୟ ସର୍‌କାର୍ ତାଙ୍କୁ ନିଯୁକ୍ତି ଦେବେ ।

ପୁଲିସ୍ ଡିଜି-ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଫୁଲ୍‌ବାଣୀ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ ନ ପୁଲିସ୍ ଡିଜି ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍

ଗଲାକାଏଲ୍ ହେଇଯାଇଛେ । ଆଏବା ଦିନେ ମାଓ କାର୍ଯ୍ୟକଳାପକେ ପୁରା ମୂଳପୋଛ୍ କରାଯିବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା । ଇ ବୈଠକ୍‌ଥି ଜିଲ୍ଲା ପ୍ରଶାସନ୍, ପୁଲିସ୍, ସିଆର୍‌ପିଏଫ୍ ଆଉ ବିଏସ୍‌ଏଫ୍‌ର ବଡ଼ ପଦାଧିକାରୀମାନେ ଉପସ୍ଥିତ୍ ଥିଲେ ।